# NATIONAL NEWS BULLETIN (ODIA)

**6 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଚଳିତବର୍ଷର ନିର୍ବାଚନ କେବଳ ସରକାର ଗଠନ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ନବଭାରତର ଗଠନ କରିବ ।
- ଜାତୀୟ ତଦନ୍ତକାରୀ ସଂସ୍ଥା ପଶ୍ଚିମବଙ୍ଗର ଭୁପତିନଗର ବିସ୍ଫୋରଣ ମାମଲାରେ ୨ଜଣ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିଛି ।
- ଛତିଶଗଡର ବିଜାପୁର ଜିଲ୍ଲାରେ ନିରାପତ୍ତାବାହିନୀ ଜବାନ ଓ ମାଓବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି ।
- ଭାରତୀୟ ପାଣିପାଗ ବିଭାଗ ପୂର୍ବ ଓ ଦକ୍ଷିଣ ଭାରତରେ ଆଜି ଏବଂ ଆସନ୍ତାକାଲି ଭୀଷଣ ଗ୍ରୀଷ୍ମପ୍ରବାହ ହେବାର ପୂର୍ବାନୁମାନ କରିଛି ।

ଏବଂ

- ଭାରତୀୟ ହକି ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି ପର୍ଥରେ ଖେଳିବ ।

## ପିଏମ୍-ସାହାରାନପୁର

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଚଳିତବର୍ଷର ନିର୍ବାଚନ କେବଳ ସରକାର ଗଠନ ପାଇଁ ଉଦ୍ଦିଷ୍ଟ ନୁହେଁ,

ଏହି ନିର୍ବାଚନ ନବ ଭାରତର ଗଠନ କରିବ । ଗତ ୫ ବର୍ଷ ମଧ୍ୟରେ ଭାରତ ବିଶ୍ୱରେ ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇପାରିଛି । ସାହାରାନପୁରଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ସେଠାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ ।

ଶ୍ରୀ ମୋଦୀ କହିଛନ୍ତି ଇଚ୍ଛାଶକ୍ତି ଥିଲେ ଫଳାଫଳ ଠିକ୍ ରହିବ । ବିଜେପି ସରକାର ପକ୍ଷପାତ ବିନା କାର୍ଯ୍ୟ କରୁଛନ୍ତି ବୋଲି ଦର୍ଶାଇ ସେ କହିଛନ୍ତି ସରକାରଙ୍କର ଯୋଜନା ଗୁଡ଼ିକ ସମସ୍ତ ପାଖରେ ପହଞ୍ଚିବାକୁ ଯଥାସମ୍ଭବ ଉଦ୍ୟମ କରାଯାଉଛି । ଶ୍ରୀ ମୋଦୀ କହିଛନ୍ତି ଆଜି ବିଜେପିର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି । ଅଳ୍ପକିଛି ଦଶନ୍ଧି ମଧ୍ୟରେ ପାର୍ଟିରେ ରେକର୍ଡ ସଂଖ୍ୟକ ସଦସ୍ୟ ଯୋଗ ଦେଇଛନ୍ତି । ବିଜେପି ଦେଶକୁ ପ୍ରାଧାନ୍ୟ ଦେଉଥିବାରୁ ଏହା ସମ୍ଭବ ହୋଇଛି । ଶ୍ରୀ ମୋଦୀ କହିଛନ୍ତି ବିଜେପି ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିଛି । ଗତ ୧୦ବର୍ଷ ଧରି ସରକାର କୃଷକମାନଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବାର ସେ କହିଛନ୍ତି । 'ଭୋକାଲ ଫର୍ ଲୋକାଲ' ବିଷୟରେ ଉଲ୍ଲେଖ କରି ସେ 'ଏକ୍ ଜିଲ୍ଲା ଏକ୍ ଉତ୍ପାଦ' ଯୋଜନାର ପ୍ରଶଂସା କରିଛନ୍ତି । ବିକଶିତ ଭାରତ ପାଇଁ ଆହୁରି ଅନେକ କିଛି କରିବାକୁ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏନ୍‌ଆଇଏ-ଆରେଷ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା ପଶ୍ଚିମବଙ୍ଗର ଭୁପତିନଗର ବିସ୍ଫୋରଣ ମାମଲାରେ ୨ଜଣ ମୁଖ୍ୟ ଷଡଯନ୍ତ୍ରକାରୀକୁ ଗିରଫ କରିଛି । ୨୦୨୨ ଡିସେମ୍ବର ମାସରେ ଘଟିଥିବା ସେହି ବିସ୍ଫୋରଣରେ ୩ଜଣ ଲୋକ ପ୍ରାଣ ହରାଇଥିଲେ । ଏକ ବିବୃତ୍ତିରେ ଏନ୍.ଆଇ.ଏ କହିଛି ପଶ୍ଚିମବଙ୍ଗର ପୂର୍ବ ମେଦିନପୁର ଜିଲ୍ଲାରୁ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କର ଗିରଫ କରାଯିବା ସମୟରେ ଉତ୍ତ୍ୟକ୍ତ ଲୋକମାନେ ଗଣ୍ଡଗୋଳ କରିଥିଲେ । ଏନ୍.ଆଇ.ଏର ଜଣେ ସଦସ୍ୟ ସାମାନ୍ୟ ଆହତ ହୋଇଥିବାର କୁହାଯାଇଛି । ଉତ୍ତ୍ୟକ୍ତ ଲୋକମାନେ ଏନ୍.ଆଇ.ଏ ଟିମ୍‌କୁ ଅଟକାଇଥିଲେ । ଏନ୍.ଆଇ.ଏ ସେଠାରେ ଏକ ମାମଲା ରୁଜୁ କରିଛି । ସେହି ୨ଜଣ ବ୍ୟକ୍ତି ଦେଶୀ ବୋମା ତିଆରି କରିବା ଓ ବିସ୍ଫୋରଣ କରିବା ଷଡଯନ୍ତ୍ରରେ ଲିପ୍ତ ଥବଲେ ।

## କଂଗ୍ରେସ ଲିଷ୍ଟ

କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ୬ଜଣ ପ୍ରାର୍ଥୀଙ୍କର ଏକ ନାମ ତାଲିକା ପ୍ରକାଶ କରିଛି । ରମାକାନ୍ତ ଖଲପ ଉତ୍ତର-ଗୋଆ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ଥିବାବେଳେ କ୍ୟାପ୍‌ଟେନ୍ ବିରିଆତୋ ଫର୍ଣ୍ଣାଡିଜ୍ ଦକ୍ଷିଣ-ଗୋଆ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ଅଛନ୍ତି । ସତ୍ୟପାଲ ସିଂହ ସିକରୱାର

ମଧ୍ୟପ୍ରଦେଶର ମୋରିନାରୁ ପ୍ରାର୍ଥୀ ଥିବାବେଳେ ପ୍ରବୀଣ ପଥଲ ଗ୍ୱାଲିୟରରୁ ପ୍ରାର୍ଥୀ ଅଛନ୍ତି ।

## ଜେକେ-ଟେରୋରିଷ୍ଟ

ଜାମ୍ମୁ-କାଶ୍ମୀରରେ ସନ୍ତ୍ରାସବାଦୀ ମାନଙ୍କ ଦ୍ୱାରା ଏକ ଅନୁପ୍ରବେଶ ଉଦ୍ୟମକୁ ଜବାନମାନେ ପଣ୍ଡ କରିଦେଇଛନ୍ତି । ବାରମୁଲା ଜିଲ୍ଲାର ଉଡି ସେକ୍ଟରସ୍ଥିତ ନିୟନ୍ତ୍ରଣରେଖାଠାରେ ସେହି ଅନୁପ୍ରବେଶ ଉଦ୍ୟମ ହୋଇଥିଲା । ପ୍ରତିରକ୍ଷା ମୁଖପାତ୍ରଙ୍କ କହିବା ଅନୁସାରେ ଉଡି ସେକ୍ଟରସ୍ଥିତ ନିୟନ୍ତ୍ରଣରେଖା ଦେଇ ସନ୍ତ୍ରାସବାଦୀମାନେ ଭାରତ ମଧ୍ୟକୁ ଅନୁପ୍ରବେଶ କରିବାର ଯୋଜନା କରୁଥିବା ବିଷୟରେ ଗୁଇନ୍ଦା ସଂସ୍ଥା ଗୁଡ଼ିକରୁ ଅନେକ ରିପୋର୍ଟ ମିଳିଥିଲା । ଏହାକୁ ଭିତ୍ତିକରି ପହରାକାର୍ଯ୍ୟ ବୃଦ୍ଧି କରାଯାଇଥିଲା ।

ମୁଖପାତ୍ର କହିଛନ୍ତି ଗତକାଲି ଭୋର୍‌ରୁ ନିୟନ୍ତ୍ରଣରେଖା ଠାରେ ପହରା ଦେଉଥିବା ଭାରତୀୟ ଜବାନମାନେ ସନ୍ତ୍ରାସବାଦୀମାନଙ୍କୁ ଦେଖିପାରିଥିଲେ । ସେ କହିଛନ୍ତି ଜବାନମାନେ ସେମାନଙ୍କର ନିକଟବର୍ତ୍ତୀ ହେବା ପରେ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହାପରେ ୨ଜଣ ସନ୍ତ୍ରାସବାଦୀଙ୍କୁ ନିପାତ କରାଯାଇଥିଲା ଓ ୨ଟି ଏ.କେ ରାଇଫଲ, ୩ଟି ମାଗାଜିନ୍, ୪ଟି ହ୍ୟାଣ୍ଡ ଗ୍ରେନେଡ୍ ଓ ଗୋଳାବାରୁଦ ଉଦ୍ଧାର କରାଯାଇଥିଲା । କାଶ୍ମୀର ଉପତ୍ୟକାରେ ଉତ୍ତେଜନା ସୃଷ୍ଟି କରିବାକୁ

ପାକିସ୍ତାନ ପଟରୁ ସନ୍ତ୍ରାସବାଦୀ ମାନଙ୍କୁ ଭାରତ ମଧ୍ୟକୁ ଅନୁପ୍ରବେଶ କରାଯିବାକୁ ଉଦ୍ୟମ କରାଯାଉଛି ।

## ତେଲଙ୍ଗାନା-ଏନ୍‌କାଉଣ୍ଟର

ଛତିଶଗଡର ବିଜାପୁର ଜିଲ୍ଲାରେ ନିରାପତ୍ତାବାହିନୀ ଜବାନ ଓ ମାଓବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ଆଜି ସକାଳେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ସଂଘର୍ଷ ଘଟିଥିଲା । ପୋଲିସର କହିବା ଅନୁସାରେ ପୂଜାରୀ କାଙ୍କେଡ ଜଙ୍ଗଲରେ ମାଓବାଦୀ ଓ ଜବାନମାନଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ତେଲେଙ୍ଗାନାର ନକ୍ସଲ ବିରୋଦୀ ବାହିନୀ ଗ୍ରେ-ହାଉଣ୍ଡ୍‌ର ଏକ ଟିମ୍ ଜଙ୍ଗଲରେ ମାଓବାଦୀମାନଙ୍କୁ ଦେଖିପାରିଥିଲେ । ଏହାପରେ ଉଭୟପକ୍ଷ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା ଓ ୩ଜଣ ମାଓବାଦୀ ପ୍ରାଣ ହରାଇଥିଲେ । ସେମାନଙ୍କ ପାଖରୁ ଗୋଟିଏ ଏ.କେ.-୪୭ ରାଇଫଲ, ଗୋଟିଏ ଏଲ୍.ଏମ୍.ଜି ଓ ଗୋଟିଏ ବାର ବୋର୍ ବନ୍ଧୁକ ଉଦ୍ଧାର କରାଯାଇଛି । ଜଣେ ମାଓବାଦୀ ଏକ ଗୋଷ୍ଠୀର କମାଣ୍ଡର ଥିଲା ଓ ତାହାର ଘର ଜୟଶଙ୍କର ଭୁପାଲପଲ୍ଲୀ ଜିଲ୍ଲାର ଅଙ୍କୁଶପୁର ଗ୍ରାମରେ ବୋଲି ପୋଲିସ କହିଛି ।

# ଲାକ୍ଷାଦ୍ୱୀପ ପ୍ରୋଫାଇଲ

ମତଦାତାମାନଙ୍କ ସଂଖ୍ୟା ଦୃଷ୍ଟିରୁ ଦେଶର କ୍ଷୁଦ୍ରତମ ଲୋକସଭା ଆସନ ଲାକ୍ଷାଦ୍ୱୀପରେ ଆସନ୍ତା ୧୯ତାରିଖ ଦିନ  ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବ । ଲାକ୍ଷାଦ୍ୱୀପରେ ଗୋଟିଏ ଲୋକସଭା ଆସନ ରହିଛି ଓ ତାହା ଅନୁସୂଚିତ ଉପଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି । ଏଥରକର ନିର୍ବାଚନରେ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଉପସ୍ଥିତ ସାଂସଦ ତଥା ଏନ୍.ସି.ପି ଶରଦ ପାୱାର ଗୋଷ୍ଠୀର ପ୍ରାର୍ଥୀ ମହମ୍ମଦ ଫଇଜାଲ, ପୂର୍ବତନ ସାଂସଦ ତଥା କଂଗ୍ରେସ ପ୍ରାର୍ଥୀ ହମଦୁଲିଲ୍ଲା ସୟେଦ୍, ବିଜେପି ସମର୍ଥିତ ଏନ୍.ସି.ପି ଅଜିତ ପାୱାର ଗୋଷ୍ଠୀର ପ୍ରାର୍ଥୀ ଟି.ପି. ୟୁସୁଫ୍ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ କେ. କୋୟା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ନିର୍ବାଚନ ପାଇଁ ସେଠାରେ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି । ସମଗ୍ର ୧୦ଟି ଯାକ ଦ୍ୱୀପରେ ୫୫ଟି ବୁଥ୍ ରହିଛି ଓ ୫୭ହଜାର ୭୮୪ଜଣ ମତଦାତା ରହିଛନ୍ତି । ସ୍ଥାନୀୟ ଓ ରାଷ୍ଟ୍ରୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ବ୍ୟାପକ ବିତର୍କ ସହ ନିର୍ବାଚନ ପ୍ରଚାର ସରଗରମ ହେବାରେ ଲାଗିଛି । ୨୦୧୯ ନିର୍ବାଚନରେ ଏନ୍.ସି.ପି ପ୍ରାର୍ଥୀ ମହମ୍ମଦ ଫଇଜାଲ ୮୨୩ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ । ୨୦୧୯ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜେ.ଡି.ୟୁ, ସି.ପି.ଆଇ.ଏମ୍ ଓ ସି.ପି.ଆଇ ଏଥରକ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି । ସେମାନଙ୍କ ଭାଗର ଭୋଟ୍

ଓ ପ୍ରଥମକରି ମତଦାନ କରୁଥିବା ଯୁବା ଭୋଟରମାନଙ୍କର ଭୋଟ୍ ଲାକ୍ଷାଦ୍ୱୀପ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ।

## ରାଜସ୍ଥାନ-ପିଏମ୍ ର୍‍ୟାଲି

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ରାଜସ୍ଥାନର ଆଜ୍‌ମେର ଜିଲ୍ଲାର ପୁଷ୍କରଠାରେ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବେ । ଆଜ୍‌ମେର ଓ ପୁଷ୍କରରୁ ବିଜେପି ପ୍ରାର୍ଥୀମାନଙ୍କ ସମର୍ଥନରେ ଏହି ର୍‍ୟାଲିର ଆୟୋଜନ କରାଯାଇଛି । ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀଙ୍କର ରାଜସ୍ଥାନରେ ଏହା ହେଉଛି ତୃତୀୟ ର୍‍ୟାଲି ।

ଅନ୍ୟପକ୍ଷରେ କଂଗ୍ରେସ ଆଜି ଜୟପୁରଠାରେ ଏହାର ନ୍ୟାୟପତ୍ର ଉପରେ ଏକ ବଡ ର୍‍ୟାଲି କରୁଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ପାର୍ଟି ନେତା ସୋନିଆ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ର୍‍ୟାଲିରେ ଯୋଗ ଦେବା ପାଇଁ ଜୟପୁରଠାରେ ଅଛନ୍ତି । ସୁଖଜିନ୍ଦର ସିଂହ ରାନ୍ଧବା, ଅଶୋକ ଗେହଲଟ, ପ୍ରମୋଦ ତିୱାରୀ ଓ ପାର୍ଟିର ଅନେକ ବଡ ବଡ ନେତା ସେହି ର୍‍ୟାଲିରେ ଅଂଶଗ୍ରହଣ କରିବେ ।

## ବିଜେପି ଫାଉଣ୍ଡେସନ ଡେ

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ନେତା ଅମିତ ଶାହା ଓ ପାର୍ଟି ସଭାପତି ଜେ.ପି. ନଡ୍ଡା ବିଜେପିର ୪୫ତମ

ପ୍ରତିଷ୍ଠା ଦିବସ ଅବସରରେ ପାର୍ଟି କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ସେମାନଙ୍କର କଠିନ ପରିଶ୍ରମ, ସଂଘର୍ଷ ଓ ବଳିଦାନ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଏନ୍.ଡି.ଏର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ପାର୍ଟି ନିଜକୁ ଗୌରବାନ୍ୱିତ ମନେ କରୁଛି ଓ ଅଂଶୀଦାର ଦଳଗୁଡ଼ିକ ସହ ଏହାର ସମ୍ପର୍କକୁ ନେଇ ଉତ୍ସାହିତ ରହିଛି ।

ଇତିମଧ୍ୟରେ ଶ୍ରୀ ଶାହା ବିଜେପିକୁ ବିଶ୍ୱରେ ସର୍ବବୃହତ୍ ଦଳଭାବେ ଗଢ଼ି ତୋଳିଥିବାରୁ ପାର୍ଟି କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ନଡ୍ଡା ପାର୍ଟିର ବଡବଡ ନେତାଙ୍କୁ ସମ୍ମାନ ଜଣାଇଛନ୍ତି ।

## ଆଇଏମ୍ଡି-ହିଟ୍ ୱେଭ

ଭାରତୀୟ ପାଣିପାଗ ବିଭାଗ ପୂର୍ବ ଓ ଦକ୍ଷିଣ ଭାରତରେ ଆଜି ଏବଂ ଆସନ୍ତାକାଲି ଭୀଷଣ ଗ୍ରୀଷ୍ମପ୍ରବାହ ହେବାର ପୂର୍ବାନୁମାନ କରିଛି । ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ପୁଡୁଚେରୀ ଓ ତେଲଙ୍ଗାନାରେ ଆଜି ଗ୍ରୀଷ୍ମପ୍ରବାହ ଜାରି ରହିଛି । କର୍ଣ୍ଣାଟକର ଉପକୂଳ ଅଞ୍ଚଳ ଏବଂ ଗୋଆରେ ଗରମ ଓ ଆର୍ଦ୍ରତା ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ । କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଏଭଳି ପାଗ ୯ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

ଇତିମଧ୍ୟରେ ପୂର୍ବ ଓ ଉତ୍ତର-ପୂର୍ବାଞ୍ଚଳରେ ବର୍ଷା ଓ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଅଛି । ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଆଜି ବଜ୍ରପାତ ସହ ଅଳ୍ପରୁ

ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି । ଏହି ସମୟରେ ଘଣ୍ଟାପ୍ରତି ୫୦ କିଲୋମିଟର ବେଗରେ ପବନ ବହିପାରେ । ଏଭଳି ପାଗ ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଅରୁଣାଚଳପ୍ରଦେଶ, ସିକ୍କିମ ଓ ପଶ୍ଚିମବଙ୍ଗରେ ପରବର୍ତ୍ତୀ ୬ ଦିନ ପର୍ଯ୍ୟନ୍ତ ଜାରି ରହିପାରେ । ଉତ୍ତର ଭାରତରେ ଜାମ୍ମୁ-କାଶ୍ମୀର, ଲଦାଖ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ପରବର୍ତ୍ତୀ ୬ଦିନ ପର୍ଯ୍ୟନ୍ତ ଅଳ୍ପ ବର୍ଷା ଓ ତୁଷାରପାତ ହେବ । ପାଣିପାଗ ବିଭାଗ କହିଛି ଲାକ୍ଷାଦ୍ୱୀପ ଓ ରାଜସ୍ଥାନରେ ଆଜି ଅଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି । କେରଳ ଓ ପୁଡୁଚେରୀରେ ୧୧ତାରିଖ ପର୍ଯ୍ୟନ୍ତ ଅଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ମଧ୍ୟପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର ଓ ତେଲଙ୍ଗାନାରେ ମଧ୍ୟ ଏଭଳି ପାଗ ରହିବାର ଅନୁମାନ କରାଯାଉଥିବାବେଳେ ଘଡଘଡି ସହ ବର୍ଷା ହୋଇପାରେ ଓ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ ।

## ଏନ୍ଆଇଏ-ଆରେଷ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା ପଶ୍ଚିମବଙ୍ଗର ଭୁପତିନଗର ବିସ୍ଫୋରଣ ମାମଲାରେ ୨ଜଣ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିଛି । ୨୦୨୨ ଡିସେମ୍ବର ମାସରେ ଘଟିଥିବା ସେହି ବିସ୍ଫୋରଣରେ ୩ଜଣ ଲୋକ ପ୍ରାଣ

ହରାଇଥିଲେ । ଏକ ବିବୃତ୍ତିରେ ଏନ୍.ଆଇ.ଏ କହିଛି ପଶ୍ଚିମବଙ୍ଗର ପୂର୍ବ ମେଦିନପୁର ଜିଲ୍ଲାରୁ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କର ଗିରଫ କରାଯିବା ସମୟରେ ଉକ୍ତ ଲୋକମାନେ ଗଣ୍ଡଗୋଳ କରିଥିଲେ । ଏନ୍.ଆଇ.ଏର ଜଣେ ସଦସ୍ୟ ସାମାନ୍ୟ ଆହତ ହୋଇଥିବାର କୁହାଯାଇଛି । ଉକ୍ତ ଲୋକମାନେ ଏନ୍.ଆଇ.ଏ ଟିମ୍‌କୁ ଅଟକାଇଥିଲେ । ଏନ୍.ଆଇ.ଏ ସେଠାରେ ଏକ ମାମଲା ରୁଜୁ କରିଛି । ସେହି ୨ଜଣ ବ୍ୟକ୍ତି ଦେଶୀ ବୋମା ତିଆରି କରିବା ଓ ବିସ୍ଫୋରଣ କରିବା ଷଡଯନ୍ତ୍ରରେ ଲିପ୍ତ ଥବଲେ ।

## ହକି : ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତୀୟ ହକି ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି ପର୍ଥରେ ଖେଳିବ । ଏହି ମ୍ୟାଚ୍ ଅପରାହ୍ଣ ୨ଟା ବେଳେ ଆରମ୍ଭ ହେବ । ହରମନପ୍ରୀତ୍ ସିଂହ ଭାରତୀୟ ଟିମ୍‌ର ନେତୃତ୍ୱ ନେଉଥିବାବେଳେ ଅରାନ ଜେଲେୱ୍ସ୍କି ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେଉଛନ୍ତି । ୨୦୧୩ଠାରୁ ଦୁଇ ଦଳ ମଧ୍ୟରେ ୪୩ଟି ମ୍ୟାଚ୍ ଖେଳାଯାଇଛି । ତାହାମଧ୍ୟରୁ ଅଷ୍ଟ୍ରେଲିଆ ୨୮ଟିରେ ବିଜୟୀ ହୋଇଥିବାବେଳେ ଭାରତ ମାତ୍ର ୮ଟିରେ ବିଜୟୀ ହୋଇଛି ଓ ୭ଟି ମ୍ୟାଚ୍ ଅମୀମାଂସିତ ରହିଛି । ପ୍ୟାରିସ୍ ଅଲମ୍ପିକ୍ ପାଇଁ ଉଭୟ ଭାରତ ଓ

ଅଷ୍ଟ୍ରେଲିଆ ଗୋଟିଏ ପୁଲ୍‌ରେ ସ୍ଥାନ ପାଇଥିବାରୁ ଏହି ଶୃଙ୍ଖଳା ଖେଳାଯାଉଛି ।